# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 2038 CUTTACK, TUESDAY, NOVEMBER 6, 2018/KARTIKA 15, 1940**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 29 ଡିସେମ୍ବର 2017

ସଂଖ୍ୟା 45192—RDM-LAC-ANG-0030/2017-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ତାଳଚେର-ସମ୍ବଲପୁର (ସମ୍ବଲପୁର-ବାମୁର ସେକସନ)ରେଳପଥ ଦୋହରିକରଣ ନିମନ୍ତେ, ମୌଜା ଡେରଜାଙ୍ଗ ଜଙ୍ଗଲ, ଥାନା ଜରପଡ଼ା, ତହସିଲ ବଅଁରପାଳ, ଜିଲ୍ଲା ଅନୁଗୁଳରେ ନିମ୍ନ ତଫସିଲମତେ ପ୍ରାୟ 0.760 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013 ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତାଳଚେର-ସମ୍ବଲପୁର ରେଳପଥ ଦୋହରିକରଣ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ -ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ନିର୍ମାଣ, ଅନୁଗୁଳ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଘୋଷଣା ସଂଖ୍ୟା ୨୯୭୩୧, ତାରିଖ ୬ ସେପ୍ଟେମ୍ବର ୨୦୧୭ ଦ୍ରଷ୍ଟବ୍ୟ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଅନୁଗୁଳ ।

୬ । ଜମିର ବିବରଣୀ —

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଅଁରପାଳ | ଡେରଜାଙ୍ଗ ଜଙ୍ଗଲ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦.୭୬୦ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ସମ୍ବଲପୁର ରେଳପଥ ଦୋହରିକରଣ ପ୍ରକଳ୍ପ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 (ଷାଠିଏ) ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ଭୂମି ଅନୁସୂଚୀ

ମୌଜା ଡେରଜାଙ୍ଗ ଜଙ୍ଗଲ, ତହସିଲ ବଅଁରପାଳ, ଥାନା ଜରପଡା ନଂ. ୭୬, ଜିଲ୍ଲା ଅନୁଗୁଳରେ ସମ୍ବଲପୁର-ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ରଜାଙ୍କର ନାମ ଓ ବାସସ୍ଥାନ | ପ୍ଲଟ୍ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) |
| | | | | | ଏକର | ଏକର |
| ୧ | ୯୯ | ଦେବରାଜ ସିଂ, ପି. ଭଗବାନ ସିଂ ସାମନ୍ତ, କାଠି ବେହେରା, ପି. ଆନନ୍ଦ ବେହେରା, ଜା. ଚଷା, ବା. ବେଙ୍ଗଗଡିଆ । | ୩୬ | ତଇଲା-୧ | ୩.୦୮୦ | ୦.୨୦୦ |
| ୨ | ୧୮୨ | ମାଧବ ସାହୁ, ପି. ଭୁବନ ସାହୁ, ବେଦ ସାହୁ, ପି. ଗୌତମ ସାହୁ, ସନ୍ତରା ବେହେରା, ପି. ଅପର୍ତ୍ତି ବେହେରା, ଜା. ଚଷା, ବା. ମାଝିକା । | ୩୩ | ତଇଲା-୧ | ୨.୭୯୦ | ୦.୩୬୦ |
| ୩ | ୨୨୨/୩୪ | ହଟିଆ ବେହେରା, ନଟିଆ ବେହେରା, ରବି ବେହେରା, ଛବି ବେହେରା, ପି. ବୈକୁଣ୍ଠ ବେହେରା, ଜା. ଚଷା, ବା. ବେଙ୍ଗଗଡିଆ । | ୩୪ | ପୁରାତନ ପତିତ | ୧.୪୨୦ | ୦.୨୦୦ |
| | | | | | ମୋଟ .. | ୦.୭୬୦ |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସଂଗ୍ରାମ କେଶରୀ ମହାପାତ୍ର**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1515—173+20